# ସବୁଜପତ୍ର ଓ ଧୂସରଗୋଲାପ

ହାଉଡା ଷ୍ଟେସନରେ, ବହୁଦିନ ପରେ, ଅତି ଅପ୍ରତ୍ୟାଶିତ ଭାବରେ ଦେଖାହେଲା, ଏକଦା ସହକର୍ମୀ ଓ ବନ୍ଧୁ ଟି.ପି. ସହିତ । ପୂରା ନାମ ଟି.ପି. ଜୋଷେଫ୍-ଘର ସୁଦୂର କୋଚିନରେ । ସିରିଆନ୍ ଖ୍ରୀଷ୍ଟିୟାନ୍ । ବନ୍ଧୁ ମହଲରେ ତା' ର ସଂକ୍ଷିପ୍ତ ନାମ ଥିଲା ଟି.ପି. ।

ମାତ୍ର ପ୍ରଥମେ ଟି.ପି.କୁ ଦେଖି ମୁଁ ଚିହ୍ନି ପାରିଲି ନାହିଁ । ଟି.ପି. ସହିତ ପୁରୁଣା ଧଡ଼ିଛିଣ୍ଡା ଟ୍ରାଉଜର, ଅଧାମଇଳା କାମିଜ, କାବୁଲୀ ସାଣ୍ଡାଲ୍ ଆଉ ସିଜର ସିଗାରେଟର ଗନ୍ଧ ଏତେ ଘନିଷ୍ଠ ଭାବରେ ଜଡ଼ିତ ଯେ, ଆଜି ତାକୁ ଏତେଦିନ ପରେ 'ଷ୍ଟ୍ରେ' ରଙ୍ଗର ପାନାମା ସୁଟ୍, ମୁଣ୍ଡରେ ଷ୍ଟ୍ରେ' ହାଟ୍ ଆଉ ଓଠ ପାଇପରେ 'ଥ୍ରୀନନ୍' ତମାଖୁଣ ମିଠା ଖୁସ୍‌ବୁରୁ ଚିହ୍ନି ନ ପାରି, ଲୋକ ଗହଳି ଠେଲି ଆପଣା ବାଟରେ ଚାଲିଯାଉଥିଲି । ହଠାତ୍ ଟି.ପି. ମୋ କାନ୍ଧରେ ହାତ ରଖି ପଛରୁ ଟାଣିଧରି, ଇଂରାଜୀରେ କହିଲା-

"କି, ଆଜିକାଲି ମଣିଷ ଚିହ୍ନି ପାରୁନା ଯେ!"

ମୁଁ ଅପ୍ରତିଭ ହୋଇ କହିଲି – "ମାଫ୍ କରିବେ, ଆପଣଙ୍କୁ କେଉଁଠି-"

ଟି.ପି. ହଠାତ୍ ତା' ମୁଣ୍ଡରୁ ହାଟ୍‌ଟା କାଢ଼ି ଆଣିଲା ।

"ହଲୋ ଟି.ପି" କହି ମୁଁ ଦୁଇହାତରେ ତା' ହାତକୁ ଖୁବ୍ ଜୋରରେ ଚାପି ଧରିଲି ।

ଟି.ପି. କହିଲା- "ତୁମେ ପୁରୀ ଏକ୍ସପ୍ରେସ୍‌ରେ ଫେରିବ ବୋଧହୁଏ! ଆସନା, ସେ ପର୍ଯ୍ୟନ୍ତ ଉଏଟିଂ ରୁମ୍‌ରେ ରହିବା ଅପେକ୍ଷା ମୋ ପାଖରେ ରହିଯିବ । ପ୍ରାୟ ସାତ ବର୍ଷ ପରେ ଆଜି ଦେଖାହେଉଚି ।"

ଟି.ପି. ପ୍ରସ୍ତାବରେ ସମ୍ମତ ହୋଇ, ତା' ସାଙ୍ଗରେ ଦିନଟା କଟାଇ ଦେବା ପାଇଁ ସ୍ଥିର କଲି ।

ଟ୍ୟାକ୍ସିରେ ପାଖାପାଖି ବସିଲା ପରେ ଯାଇଁ ଲକ୍ଷ୍ୟ କଲି, ଟି.ପି. ଇତିମଧ୍ୟରେ ଅସ୍ୱାଭାବିକ ଭାବରେ ପ୍ରୌଢ଼ ହୋଇଯାଇଛି । କାନ ଉପରକୁ ମୁଣ୍ଡର କେତୋଟି ବାଳ ପାଚି ଧଳା ପଡ଼ି ଆସିଲାଣି । ଆଖି ଦୁଇଟା କୋଟରଗତ ହୋଇ ନିଷ୍ପ୍ରଭ ଦିଶିଲାଣି । ମୁହଁରେ, କପାଳରେ ବୟସର କେତୋଟି ରେଖା ପଡ଼ି ଆସିଲାଣି । ଟି.ପି.ର ସାତବର୍ଷ ତଳର ସେ ସ୍ୱାସ୍ଥ୍ୟ ମଧ୍ୟ ଆଉ ନାହିଁ ।

ଟି.ପି. ଦେହରୁ ଅତରର ଭୁରୁଭୁରୁ ଗନ୍ଧ ଆସୁଥିଲା । ମୁଁ କହିଲି- "ଏ ତ ରୀତିମତ 'ମେଟାମରଫସିସ୍' ଟି.ପି.! ଯେଉଁସବୁ ପୋଷାକ, ପରିଚ୍ଛଦ, ଆଦବ, କାୟଦାକୁ ତୁମେ ନଷ୍ଟଗାମୀ ବୁର୍ଜୋୟାର ରୁଚିହୀନ ବିଳାସ ବୋଲି ନିନ୍ଦା କରୁଥିଲ, ଆଜି ନିଜେ ତ ତୁମେ ତା' ର ପରମ ଭକ୍ତ ହୋଇ ପଡ଼ିଛ!"

ଟି.ପି. ପାଇପରୁ କଳେ ଧୂଆଁ ଛାଡ଼ି କହିଲା- "କିନ୍ତୁ କମ୍ୟୁନିଜିମ୍‌ରେ ସୁରୁଚିପୂର୍ଣ୍ଣ ପରିଚ୍ଛଦର ସ୍ଥାନ ନାହିଁ ବୋଲି ତମକୁ କହିଲା କିଏ? କମ୍ୟୁନିଜିମ ସମ୍ବନ୍ଧରେ ତୁମମାନଙ୍କର ନାନା ବିଚିତ୍ର ଧାରଣା ଅଛି ।"

ମୁଁ କହିଲି- "ହୋଇପାରେ, କଥାଟା ହୁଏତ ମିଛ ନୁହେଁ । ମାତ୍ର ଅନେକେ ରୁକ୍ଷ ପରିଚ୍ଛଦ ଓ ରୁକ୍ଷତର ବ୍ୟବହାରକୁ ବୈପ୍ଲବିକ ଆଚରଣ ବୋଲି ଭାବିଥାନ୍ତି । ସେ କଥା ଥାଉ ଟି.ପି:- ଆଜି ସାତବର୍ଷ ପରେ ସେ ସବୁ ପୁରୁଣା ବିତର୍କ ଉଠାଇବା ପାଇଁ ମୋର ଧୈର୍ଯ୍ୟ ନାହିଁ!"

ଟି.ପି. କହିଲା- "ମୁଁ ଏବେ ଆଉ କମ୍ୟୁନିଷ୍ଟ ନୁହେଁ! କମ୍ୟୁନିଜିମ୍‌ରେ ମୋର ତଥାପି ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ଅଛି । କମ୍ୟୁନିଜିମ୍‌ର ଅନ୍ତିମ ବିଜୟ ମନପ୍ରାଣ ଦେଇ ମୁଁ କାମନା କରେ । କିନ୍ତୁ ଭାଇ, ସକ୍ରିୟ କମ୍ୟୁନିଜିମ୍ ଆଉ ଏ ଦେହରେ ଯାଉନାହିଁ ।"

ଟି.ପି. କେତୋଟି ମୁହୂର୍ତ୍ତ ନିଜ ଡାହାଣହାତର ଆଙ୍ଗୁଠିଗୁଡ଼ିକୁ ଆଖି ଆଗରେ ମେଲାଇ ନିରୀକ୍ଷଣ କଲା । ସିଗାରେଟ୍ ଟାଣି ଟାଣି ତା' ର ଡାହାଣ ହାତର ଦୁଇଟି ଆଙ୍ଗୁଠି ପୂରାପୂରି ହଳଦିଆ ପଡ଼ିଯାଇଥିବା, ମୁଁ ଲକ୍ଷ୍ୟ କଲି ।

କିନ୍ତୁ ଟି.ପି.ର ଏ କି ପରିବର୍ତ୍ତନ!

ଆଜକୁ ବହୁବର୍ଷ ତଳେ-

ଖବରକାଗଜରେ ଜଣେ ସହକାରୀ ସମ୍ପାଦକ ପାଇଁ ମୁଁ ବିଜ୍ଞାପନ ଦେଇଥିଲି । ସେହି ବିଜ୍ଞାପନର ଉତ୍ତରରେ ଜଣେ ପରିଚିତ ବନ୍ଧୁ ଏହି ଟି.ପି.କୁ ପଠାଇଥିଲେ, ଯେ କୌଣସିମତେ ତା' ର କିଛି ଗୋଟାଏ ସଂସ୍ଥାନ କରିଦେବା ପାଇଁ । ସେ ଦିନ ମୋ' ପାଖକୁ ଯେଉଁ ଲୋକଟି ଆସିଥିଲା- ତା' ସହିତ ଅବଶ୍ୟ ଆଜି ଏ ଟି.ପିର କୌଣସି ସାଦୃଶ୍ୟ ନାହିଁ । ମୁଣ୍ଡର ବାଳ ରୁକ୍ଷ, ମୁହଁରେ ଦୁଇ ତିନିଦିନର ଦାଢ଼ି, ଦେହରେ ଖଣ୍ଡେ ଅଧା ମଇଳା ପାଇଜାମା ଆଉ କାମିଜ୍ । ପାଦରେ ହଳେ ଚଟୀ ।

ଟି.ପି.କୁ ସାମ୍ବାଦିକତାରେ ତା' ର ପୂର୍ବ ଅଭିଜ୍ଞତା ପଚାରିଥିଲି । ସେତେବେଳେ ସେ ତା' ର ଶିକ୍ଷା ଓ ଅଭିଜ୍ଞତାର ଯେଉଁ ବିବରଣୀ ଦେଇଥିଲା, ତାହା ବିଚିତ୍ର । ଫୁଟ୍‌ପାଥ୍ ତା' ର ବିଶ୍ୱବିଦ୍ୟାଳୟ! ବତୀଖୁଣ୍ଟ ତାହାର ଶିକ୍ଷକ! ଇଂରାଜୀ କହିପାରେ, ବୁଝିପାରେ; କିନ୍ତୁ ଲେଖିବା ସେତେ ଭଲ ନୁହେଁ । ମାନ୍ଦ୍ରାଜରେ ଶ୍ରମିକ ୟୁନିଅନ୍ ତରଫରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ସାପ୍ତାହିକ ପତ୍ରିକାରେ ସେ ପ୍ରୁଫ୍‌ରିଡର ଓ ଅନ୍ୟାନ୍ୟ କାମ କରୁଥିଲା । ତା' ପରେ ସେଠୁ ସେ ଉନ୍ନତତର ଭବିଷ୍ୟତର ସନ୍ଧାନରେ ଆସିଥିଲା, କଲିକତା । ଶର୍ଟ୍‌ହାଣ୍ଡ, ଟାଇପ୍‌ରାଇଟିଂ ମଧ୍ୟ ଜଣା ଅଛି, ଇତ୍ୟାଦି ।

ଟି.ପି. ଶେଷରେ ରହିଲା । ତା' ର ସେପରି କୌଣସି ସର୍ତ୍ତ ନାହିଁ । ଗଣ୍ଡେ ଖାଇବାକୁ, ଖଣ୍ଡେ ପିନ୍ଧିବାକୁ, ସିଜର ସିଗାରେଟ୍, ଦିନରେ କୋଡ଼ିଏ କପ୍ ଖଣ୍ଡେ ଚା' ବା କଫି, ଆଉ ରହିବା ପାଇଁ ଅନ୍ୟ କୌଣସି ସ୍ଥାନ ନ ମିଳିଲେ – ଖବରକାଗଜ ଅଫିସର କାଗଜ ଗୋଦାମ ମଧ୍ୟ ଚଳିବ ।

ଅଳ୍ପଦିନ ପରେ ଜାଣିପାରିଲି ଟି.ପି. ଆଉ ମୋ' ଭିତରେ ରାଜନୈତିକ ଓ ସାଂସ୍କୃତିକ ପାର୍ଥକ୍ୟର ବ୍ୟବଧାନ । ଟି.ପି. ଯେଉଁ ଖବରକାଗଜରୁ ଅନ୍ନସଂସ୍ଥାନ କରେ, ସେ ଖବରକାଗଜ ପ୍ରତି ତା' ର ଆଦୌ ସମ୍ମାନ ନ ଥିଲା । ସେହି ଖବରକାଗଜକୁ ସେ ମନେମନେ ଘୃଣା କରୁଥିଲା, ପ୍ରତିକ୍ରିୟାଶୀଳ ବୋଲି । ତା' ଭିତରେ ଭିତରେ ଯେପରି ବହୁଦିନର ସଞ୍ଚିତ ଏକ ପ୍ରଚଣ୍ଡ କ୍ରୋଧ, ବିସ୍ଫୋରଣର ପଥ ଖୋଜୁଥିଲା । ତେଣୁ କଥାରେ, ସାଧାରଣ ବ୍ୟବହାରରେ, ବେଳେବେଳେ ସେ ବିସ୍ଫୋରଣ, ତା' ର ଅନିଚ୍ଛାସତ୍ତ୍ୱେ ପ୍ରକାଶ ପାଇଯାଉଥିଲା ।

ଦିନେ ବାଧ୍ୟ ହୋଇ ମୁଁ ଟି.ପି.କୁ କହିଲି- "ତୁମର ଏଠାରେ ଆଉ ସ୍ଥାନ ନାହିଁ! ତୁମର ଆତ୍ମସମ୍ମାନ ଦୃଷ୍ଟିରୁ ଓ ମୋର ସ୍ୱାର୍ଥ ଦୃଷ୍ଟିରୁ ତୁମେ ଏଠାରୁ ଯେତେ ଶୀଘ୍ର ବିଦାୟ ନିଅ, ସେତେ ମଙ୍ଗଳ ।"

ସେଦିନ ସନ୍ଧ୍ୟାରେ ମୁଁ ପ୍ରେସ୍‌କୁ ଆସି ଦେଖେଁ- ଟି.ପି. ଏକଦା କାଗଜ ଗୋଦାମ ରୂପେ ବ୍ୟବହୃତ ହେଉଥିବା କୋଠରୀ ଭିତରେ ଖଣ୍ଡେ ଖଟିଆ ଉପରେ, ଦୁଇ ହାତରେ ମୁଣ୍ଡର ରୁକ୍ଷ ବାଳଗୁଡ଼ା ଟାଣିଧରି, ତଳକୁ ମୁଣ୍ଡ ନୁଆଇଁ ବସିଥିଲା । ତଳେ ଖଣ୍ଡେ ପୋଡ଼ା ସିଗାରେଟ୍‌ରୁ ଧୀରେଧୀରେ କୁଣ୍ଡଳୀ ବୁଲି ଧୂଆଁ ଉଠୁଥିଲା । ଟି.ପି. ସେହି ସିଗାରେଟ୍ ଖଣ୍ଡକୁ ପାଦରେ ଦଳି ନିଭାଇ ଦେଉଥିଲା, ଚିନ୍ତାପୂର୍ଣ୍ଣ, ବିବ୍ରତ ଭାବରେ ।

ମୋତେ ଦେଖି, ଅତି ବିନୀତ, କରୁଣ ଭାବରେ ଟି.ପି. ପଚାରିଲା- "କିନ୍ତୁ ଏହାପରେ ମୁଁ ଯିବି କୁଆଡ଼େ?"

ମୁଁ କହିଲି- "ଏଠାରେ ସ୍ଥାନ ନ ମିଳିଥିଲେ ଯୁଆଡ଼େ ଯାଇଥାନ୍ତ ।"

ସେ କହିଲା- "କିନ୍ତୁ ମୋ ' ଠାରୁ ଆଉ ଶସ୍ତାରେ ଆପଣ କ ' ଣ ମୋପରି ଜଣେ ଲୋକ ପାଇବେ?"

ମୁଁ କହିଲି- "ଟି.ପି., ତୁମେ ନିଜର କାର୍ଯ୍ୟରେ ଖୁବ୍ ଏକନିଷ୍ଠ, ଏହା ମୁଁ ନିଶ୍ଚୟ ସ୍ୱୀକାର କରିବି । ମାତ୍ର, ଯେଉଁଠି ଦୃଷ୍ଟିକୋଣ ଆଉ ମତବାଦରେ ଆମର ଏତେ ପାର୍ଥକ୍ୟ, ସେଠାରେ ତୁମେ ଖାଲି ଅନ୍ନସଂସ୍ଥାନ ପାଇଁ ପଡ଼ି ରହିବ, ଏହା ମୁଁ ସର୍ବାନ୍ତଃକରଣରେ ଘୃଣା କରେ ।"

ଟି.ପି. କହିଲା- କିନ୍ତୁ ପୃଥିବୀଟା ବଡ଼ ସଂକୀର୍ଣ୍ଣ, ନୁହେଁ କି? ମଣିଷକୁ ମଣିଷ ସହିତ ବଞ୍ଚି ରହିବାକୁ ତ ପଡ଼ିବ! ପ୍ରତି ମଣିଷ, ଯଦି ନିଜ ରୁଚି ଆଉ ଦୃଷ୍ଟିକୋଣ ଧରି, ନିଜପାଇଁ ଏକ ପରିସର ସୃଷ୍ଟି କରି ବଞ୍ଚିବାକୁ ଚାହେଁ, ତା ' ହେଲେ ସେଥିପାଇଁ ପୃଥିବୀରେ ସ୍ଥାନାଭାବ ହେବ ନାହିଁ କି ।"

ମୁଁ କହିଲି – "କିନ୍ତୁ ତୁମର ସାଧାରଣ ବ୍ୟବହାରରେ ତ ସେ ପ୍ରକାର ବିଚାରଶୀଳ ଉଦାରତା ପ୍ରକାଶ ପାଏ ନାହିଁ । ଯେ ତୁମଠାରୁ ଭିନ୍ନ ଭାବରେ ଭାବିଲା, ସେ ତୁମ ବିଚାରରେ ହେଲା ନୀଚ, ହୀନ, ପ୍ରତିକ୍ରିୟାଶୀଳ! ମୁଁ ସୁଦ୍ଧା ।"

ଟି.ପି. କହିଲା- "କିନ୍ତୁ ଆଜ୍ଞା, ମୁଁ ଯିବି କୁଆଡ଼େ? ମୋର ସେପରି କୌଣସି ଡିଗ୍ରୀ ନାହିଁ ବା ବୈଷୟିକ ଜ୍ଞାନ ନାହିଁ ବା କୌଣସି ବିଶେଷ ଅଭିଜ୍ଞତା ନାହିଁ । ତା ' ପରେ ପ୍ରାୟ ଦଶବର୍ଷ ବୟସରୁ ମୁଁ ଘରଛାଡ଼ି ପଳାତକ ହୋଇଛି । ଆଜି ଯିବି କୁଆଡ଼େ?"

ଟି.ପି.ର ଆଖି ଲୁହରେ ଆର୍ଦ୍ରହେବା, ସେହି ପ୍ରଥମ ଥର ପାଇଁ ମୁଁ ଦେଖିଥିଲି ।

ଶେଷରେ ଟି.ପି. ରହିଲା ।

ଟ୍ୟାକ୍‌ସି ରହିଲା ଆସି ଚୌରଙ୍ଗିର ଏକ ଅଭିଜାତ ଅଞ୍ଚଳରେ ଗୋଟିଏ ପ୍ରକାଣ୍ଡ କୋଠା ପାଖରେ- "ଚୌରଙ୍ଗୀ କୋର୍ଟ ।" ଏଥିରେ ଗୋଟିଏ ଫ୍ଲାଟରେ ଟି.ପି. ରହେ । ଟ୍ୟାକ୍‌ସିରୁ ଓହ୍ଲାଇ ଲିଫ୍‌ଟରେ ଆମେ ଚାରି ମହଲାରେ ଗୋଟିଏ ଫ୍ଲାଟର ଦରଜାରେ ପହଞ୍ଚିଲୁ । ଟି.ପି. ବାହାରୁ କଲିଙ୍ଗ୍ ବେଲ ଚିପି ଦେଲା । କିଛି ସମୟ ପରେ ଜଣେ ଶୀର୍ଣ୍ଣା, ପ୍ରୌଢ଼ା ମହିଳା ଭିତରୁ କବାଟ ଖୋଲିଦେଲେ । ଆମେ ଭିତରକୁ ଯିବାପରେ ସେ ପୁଣି କବାଟ ବନ୍ଦ କରିଦେଲେ । ଟି.ପି. ଏହି ମହିଳାଙ୍କୁ କହିଲା- "କାନ୍‌ପୁରରୁ ଯେ ଆସିବାର ଥିଲା, ସେ ତ ଆସିଲେ ନାହିଁ । ମାତ୍ର ସେହି ସୁଯୋଗରେ ମୋର ବହୁଦିନର ଏହି ଶୁଭାକାଂକ୍ଷୀ ଓ ଏକଦା ଆଶ୍ରୟଦାତା ବନ୍ଧୁଙ୍କ ସହିତ ଦେଖା ହୋଇଗଲା । 'Every dark cloud has a silver lining' କଥାଟା ତେଣୁ ମିଛ ନୁହେଁ । ଆଉ ଏ ହେଲେ ମିସ୍ ଡ୍ରାଇଭର, ମୋର landlady।"

ମିସ୍ ଡ୍ରାଇଭର ଆମକୁ ବସିବା ଘର ଭିତରକୁ ନେଇଯାଇ ଚା ' ପଠାଇ ଦେବାପାଇଁ ଚାଲିଗଲେ । ମିସ୍ ଡ୍ରାଇଭରଙ୍କ ବୟସ ଚାଳିଶରୁ ନିଶ୍ଚୟ ଊର୍ଦ୍ଧ୍ୱ ହେବ । ପିନ୍ଧିଥିଲେ ଖଣ୍ଡେ ଅଧା ମଇଳା ଛିଟ ଗାଉନ୍ । ମୁହଁରେ ବୁଢ଼ିଆଣୀ ଜାଲ ପରି ବହୁ ଜଟିଳ ରେଖାର ଦାଗ ପଡ଼ି ଆସିଥିଲା । ପାଦରେ ନାଲି ରଙ୍ଗର ହଳେ ବେଡ୍‌ରୁମ୍ ସ୍ଲିପର ।

ମୁଁ ପଚାରିଲି, "ଏ କିଏ ଟି.ପି.?"

ଟି.ପି. କହିଲା- "ଏ ଜଣେ ପାର୍ଶି ମହିଳା । ଏହାଙ୍କ ବାପା ଯେଉଁ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିଲେ ମୁଁ ମଧ୍ଯ ସେଠାରେ କାର୍ଯ୍ୟ କରୁଥିଲି । ପ୍ରାୟ ଦୁଇବର୍ଷ ତଳେ ତାଙ୍କର ପରଲୋକ ହୋଇଗଲା । ମିସ୍ ଡ୍ରାଇଭରଙ୍କର ଏକ ବାପ ଛଡ଼ା ଆଉ କେହି ନ ଥିଲେ । ବମ୍ବେରେ କିଛି ଘରବାଡ଼ି ଅଛି । ସେଥିରୁ ଯାହା ଭଡ଼ା ମିଳେ, ସେଇଥିରେ ଚଳନ୍ତି । ମିଷ୍ଟର ଡ୍ରାଇଭରଙ୍କ ମୃତ୍ୟୁ ପରେ, ମୁଁ ଆଉ କେଉଁଠି ସୁବିଧାରେ ଘର ନ ପାଇ ଏଠାରେ ଆସି ରହିଛି । ତାଙ୍କର ମଧ୍ଯ ତତ୍ତ୍ୱାବଧାନ କରିବା ପାଇଁ ଜଣେ ଲୋକ ତ ଦରକାର!"

ମିସ୍ ଡ୍ରାଇଭର ଗୋଟିଏ ଟ୍ରେରେ ଚା' ଆଣି ଆମ ସାମ୍ନାରେ ଗୋଟିଏ ଟି' ପୟ ଉପରେ ରଖିଦେଇଗଲେ । ଟ୍ରେ ବହୁ ପ୍ରାଚୀନ, ଚା' କପ୍ ଓ ଚାମୁଚ୍ ପ୍ରଭୃତିରେ ବହୁ ପ୍ରାଚୀନତାର ରଙ୍ଗ ବୁଲି ଆସିଲାଣି ।

ମିସ୍ ଡ୍ରାଇଭର ଆମ ସାମ୍ନାରେ ଖଣ୍ଡେ ଚୌକି ଉପରେ ବସି ଟି ପଟ୍‌ରୁ କପ୍'ରେ ଚା' ଢାଳି ସେଥିରେ ଦୁଧ ମିଶାଇ ମୋତେ ପଚାରିଲେ- "କେତେ ଚାମୁଚ୍?"

ମୁଁ କହିଲି- "ଦୁଇ ଚାମୁଚ୍ ।"

ଟି.ପି. କହିଲା- "ମିସ୍ ଡ୍ରାଇଭର, ତୁମେ ଯାଅ ବିଶ୍ରାମ କର । ତୁମ ଦେହ ଖରାପ । ଆମ କଥା ଆମେ ବୁଝିବୁଁ । ଲଞ୍ଚ ମଧ୍ଯ ଆଜି ବାହାରେ ।"

ମିସ୍ ଡ୍ରାଇଭର୍ ରୁଗ୍‌ଣ କଣ୍ଠରେ କହିଲେ- "ଦେହ ତ ସବୁଦିନେ ଖରାପ । ଜଣେ ଅତିଥି ଯେତେବେଳେ ଆସିଛନ୍ତି, ତାଙ୍କ କଥା ନ ବୁଝିବି କିପରି?"

ମୁଁ ପଚାରିଲି- "କ'ଣ ହୋଇଛି ଆପଣଙ୍କର?"

ମିସ୍ ଡ୍ରାଇଭର କହିଲେ- "ହଠାତ୍, ଏ ଋତୁ ପରିବର୍ତ୍ତନ ଲାଗି ମୋତେ ଇନ୍‌ଫ୍ଲୁଏଞ୍ଜା ପରି ହୋଇଥିଲା । ଆଜି ସକାଳୁ ଟିକିଏ ଭଲ ଲାଗୁଛି ।"

ଝରକା ବାହାରେ ସେତେବେଳେ ଖଣ୍ଡେ କଳା ମେଘ, କେଇ ବିନ୍ଦୁ ଟପ୍ ଟପ୍ ବର୍ଷା ଝରାଇ ଭାସିଗଲା । ଦମକାଏ ଥଣ୍ଡାପବନ ଘର ଭିତରକୁ ପଶି ଆସି, କେଉଁ ଅନନ୍ତ କାଳରୁ ଝୁଲୁଥିବା ପର୍ଦ୍ଦା ଆଉ ପୁରୁଣା କାଲେଣ୍ଡରଗୁଡ଼ାକୁ ଦୋହଲାଇ ଦେଇଗଲା । ମିସ୍ ଡ୍ରାଇଭର୍ କହିଲେ- "ଟି.ପି. ତୁମେ ରାତିରେ ଟିକିଏ ଟିକିଏ କାଶୁଛ । ଏ ପାଗରେ ଖବରଦାର, ବାହାରକୁ ଯିବ ନାହିଁ । ମୁଁ ବରଂ ଏଇଠି ତୁମମାନଙ୍କ ଲଞ୍ଚ ତିଆରି କରିଦେବି ।"

ଟି.ପି.ର ମୁହଁ ବିରକ୍ତିରେ ମୁହୂର୍ତ୍ତକ ପାଇଁ କୁଞ୍ଚିତ ହୋଇଗଲା । ତାହା ମୁଁ ବେଶ୍ ଲକ୍ଷ୍ୟକରି ପାରିଲି । ଟି.ପି. କହିଲା- "ତୁମେ ଯାଅ ମିସ୍ ଡ୍ରାଇଭର, ବିଶ୍ରାମ କର । ଆମ କଥା ଆମେ ବେଶ୍ ବୁଝି ପାରିବୁ ।"

ମିସ୍ ଡ୍ରାଇଭର ତାଙ୍କ ଶୋଇବା ଘରକୁ ଉଠିଗଲେ । ଟି.ପି. କହିଲା- "ତୁମେ ମଧ୍ଯ ଇତି ମଧ୍ୟରେ ନିତ୍ୟକର୍ମ ଶେଷ କରିନିଅ । ମୋର ଅଫିସ ବେଳ ହୋଇଗଲା । ଲଞ୍ଚ ବେଳକୁ ମୁଁ ଆସିବି । ବାହାରକୁ ସାଙ୍ଗ ହୋଇଯିବା ।"

ଚା' କପ୍‌ଟା ଶେଷ କରି ମୁଁ ଟି.ପି.ର ଶୋଇବା ଘର ଭିତରକୁ ଉଠିଆସିଲି । ଟି.ପି ଆଉ ମିସ୍ ଡ୍ରାଇଭରଙ୍କ ଶୋଇବା ଘର ଭିତରକୁ ବସିବା ଘରଟି ଏକମାତ୍ର ବ୍ୟବଧାନ । ଏ ଘରଟି ଡାଇନିଂ ରୁମ୍ ରୂପେ ମଧ୍ଯ ବ୍ୟବହୃତ ହୁଏ । ଗୋଟିଏ ଘର ଭିତରୁ ଅନ୍ୟ ଘରଟି ସ୍ପଷ୍ଟ ଦେଖିହୁଏ । ମୁଁ

ଟି.ପି.ର ଶୋଇବା ଘର ଭିତରେ ପଶି, ଟ୍ରାଉଜରଟା ଫିଟାଇ ଖାଲି ଖଣ୍ଡେ ଅଣ୍ଡରଓୟାର୍ ପିନ୍ଧି, ଏ ପାଖ ସେ ପାଖ ହେବାପାଇଁ ଭିତରୁ କବାଟଟା ବନ୍ଦ କରିଦେଲି । ଟି.ପି. କ'ଣ ବୋଧହୁଏ ଛାଡ଼ି ଯାଇଥିଲା, ସେଥିପାଇଁ ପୁଣି ଫେରିଆସି ବାହାରେ ଠକ୍ ଠକ୍ ଶବ୍ଦ କଲା । ମୁଁ କବାଟ ଖୋଲିଦେଲି । ଟି.ପି. ଭିତରକୁ ଆସି, ଗୋଟାଏ ଟେବୁଲ୍‌ର ଦରାଜରୁ କ'ଣ ବିଡାଏ କାଗଜ ନେଇ ଯିବାବେଳେ, ମୋତେ କଣ୍ଠସ୍ୱର ନୁଆଇଁ କହିଲା- "ତୁମେ ଭିତରୁ କବାଟଟା ଏମିତି ବନ୍ଦ କଲେ, ମିସ୍ ଡ୍ରାଇଭର୍ ମନେ ମନେ ଖରାପ ଭାବିବେ । ସେମାନଙ୍କ ଚଳଣି ସ୍ୱତନ୍ତ୍ର । ତୁମେ ତ ଜାଣ ।"

ଟି.ପି. ଚାଲିଗଲା ।

ମୁଁ ପର୍ଦ୍ଦା ଆଡ଼େଇ ଉଙ୍କିମାରି ମିସ୍ ଡ୍ରାଇଭରଙ୍କ ଶୋଇବା ଘର ଭିତରକୁ ଚାହିଁବାର କୌତୂହଳ ସମ୍ବରଣ କରି ପାରିଲି ନାହିଁ । ମିସ୍ ଡ୍ରାଇଭର ଗୋଟାଏ ବହୁ ପ୍ରାଚୀନ ଡ୍ରେସିଂ ଟେବୁଲ ସାମ୍ନାରେ ବସି ମୁଣ୍ଡ କୁଣ୍ଡାଉଥିଲେ । ପାରା ଛାଡ଼ି ଛାଡ଼ି ଆସୁଥିବା ପୁରୁଣା ଅଇନାକୁ ଚାହିଁ ବିଗତଯୌବନା ମିସ୍ ଡ୍ରାଇଭରଙ୍କ କେଶ-ବିନ୍ୟାସ ଏକ କରୁଣ ପରିବେଶ ସୃଷ୍ଟି କରିଥିଲା ।

ଟି.ପି. ଫେରିବାକୁ ଅନ୍ତତଃ ଆଉ ଘଣ୍ଟାଏ ଡେରିରୁ କମ୍ ନୁହେଁ । ଅନ୍ୟମନସ୍କ ଭାବରେ ମୁଁ ଗୋଟାଏ ସେଲ୍‌ଫରେ ଥିବା ଟି.ପି.ର ବହିଗୁଡ଼ା ଓଲଟାଇ ଓଲଟାଇ ଦେଖୁଥିଲି । ଆଶା କରିଥିଲି, ପ୍ରତି କମ୍ୟୁନିଷ୍ଟ ଘରେ ସାଧାରଣତଃ ପିପଲ୍‌ସ ପବ୍ଲିସିଂ ହାଉସ୍‌ର ଯେଉଁ ସବୁ ସୁନ୍ଦର ବନ୍ଧେଇ ବହିମାନ ଦେଖାଯାଏ, ଏଠାରେ ସେଥିରୁ ବ୍ୟତିକ୍ରମ ହେବ ନାହିଁ । ତଥାପି ସେ ଭିତରେ ଯଦି ଭୁଲ୍‌ରେ ଗର୍କୀ, ଶେକଭ୍, ସୋଲୋକୋଭ୍ ବା ଇରେନ୍‌ବୁର୍ଗଙ୍କ କୌଣସି ଉପନ୍ୟାସ ମିଳିଯାଏ, ତା'ହେଲେ ଟି.ପି. ଫେରିବା ପର୍ଯ୍ୟନ୍ତ ସମୟଟା ହୁଏତ କୌଣସିମତେ କଟାଇ ଦିଆଯାଇ ପାରିବ । ମାତ୍ର ସକାଳେ, ହାଉଡା ଷ୍ଟେସନରେ, ଟି.ପି.କୁ ପାନାମା ସୁଟ୍, ଲାଲ୍‌ରଙ୍ଗର ଟାଇ ଆଉ ଷ୍ଟ୍ର ହାଟ୍‌ରେ ଦେଖି ମୁଁ ଯେତେ ବିସ୍ମିତ ହୋଇ ନ ଥିଲି, ଏବେ ତା'ର ବହିଗୁଡ଼ିକୁ ଦେଖି ତାଠୁଁ ବେଶି ବିସ୍ମିତ ହୋଇ ପଡ଼ିଲି । ଯେଉଁ ପ୍ରାୟ ପନ୍ଦର କୋଡ଼ିଏ ଖଣ୍ଡ ବହି ଆଖିରେ ପଡ଼ିବା ଭଳି ଅବସ୍ଥାରେ ଥିଲା, ସେ ସବୁ ଯୌନସମ୍ବନ୍ଧୀୟ । ଡିକାମେରନ୍, ବାଲ୍‌ଜାକଙ୍କ ଡ୍ରଲ୍ ଷ୍ଟୋରିଜ୍, ମୋପାଂସା, କୁପ୍ରିନ୍‌ଙ୍କ 'ୟାମା ଦି ପିଟ୍', ଏମିଲି ଜୋଲାଙ୍କ 'ନାନା' ପୁଣି ଲରେନ୍‌ସଙ୍କ 'ଲେଡି ଚାର୍ଟରଲିଜ୍ ଲଭର୍' ପ୍ରଭୃତି କେତେଖଣ୍ଡ ବହିର ଶସ୍ତା ଆମେରିକାନ୍ ସଂସ୍କରଣର ମଲାଟରେ ନଗ୍ନ ନାରୀ ଦେହର ଛବିର ଉଗ୍ରତା, ମନରେ ବେଶ୍ ଏକ ଉତ୍ତେଜନା ଆଣେ । କିନ୍‌ସେ ରିପୋର୍ଟ, ନାରୀକୁ ଚୁମ୍ବନ କରିବାର ଏକ ଶହ ଏକ ରୀତି, କାମ-ସୂତ୍ରର ସଚିତ୍ର ଇଂରାଜୀ ଅନୁବାଦ ଓ ହାଭେଲକ ଏଲିସ୍‌ଙ୍କ 'ରିଦମ୍ ଅଫ୍ ଲାଇଫ୍' ମଧ୍ୟ ଟି.ପି. ସଂଗ୍ରହ କରି ରଖିଛି । ମାର୍କସ୍‌ବାଦ ଓ ଉଗ୍ର ରାଜନୈତିକ 'ଥିଓରୀ' ବହିମାନ ଛାଡ଼ି, ଟି.ପି. କେବେଠାରୁ ଏସବୁ ସଂଗ୍ରହ କଲା ଭାବି, କମ୍ ବିସ୍ମିତ ହେଲି ନାହିଁ । କିନ୍‌ସେ ରିପୋର୍ଟ ଖଣ୍ଡ ଖୋଲିଦେଲାବେଳକୁ, ସେଥିରୁ ଖଣ୍ଡେ ନେଳି କାଗଜ ତଳେ ଖସି ପଡ଼ିଲା । କାଗଜଟା ଖୋଲି ଦେବାରୁ ସେଥିରୁ ଭୁରୁ ଭୁରୁ ଗନ୍ଧରେ ଭିତରଟା ମୁହୂର୍ତ୍ତକ ପାଇଁ ଆମୋଦିତ ହୋଇ ଉଠିଲା । ଟି.ପି.ର କେହି ଜଣେ ନାରୀ ବନ୍ଧୁତାକୁ 'ପ୍ରିନ୍‌ସେସ୍'ରେ ହେଉଥିବା 'କାଭାରେ'(Cavaret)କୁ ରାତି ଏଗାରଟାବେଳେ ଆସିବା ପାଇଁ ସନିର୍ବନ୍ଧ ନିମନ୍ତ୍ରଣ ଜଣାଇଛନ୍ତି । ଚିଠି ଶେଷରେ ବହୁ ଚୁମ୍ବନ ପଠାଇଛନ୍ତି କାଗଜ ଓ କଲମରେ । ଚିଠି ଶେଷରେ ସ୍ୱାକ୍ଷର ରୂପେ କେବଳ ଇଂରାଜୀରେ ଗୋଟିଏ ଅକ୍ଷର 'ଏଲ୍' । ଚିଠିଟା ବହି ଭିତରେ ରଖି ଦେଇ ଅପରାଧୀ ପରି ବହି ସେଲ୍‌ଫ ପାଖରୁ ପଳାଇ ଆସି ଖଣ୍ଡେ ଖବରକାଗଜ ଆଖି ଆଗରେ ମେଲି ବସି ପଡ଼ିଲି ।

କାନ୍ଥରେ କେତେ ଖଣ୍ଡ ପୁରୁଣା ଫ୍ରେମ ବନ୍ଧାଇ ଫଟୋ ଝୁଲୁଥିଲା । ଖବରକାଗଜ ପଢ଼ା ସରିଛି । ତେଣୁ ସେହି ଫଟୋଗୁଡ଼ା ଦେଖି ଦେଖି ଆଉ କିଛି ସମୟ କଟାଇ ଦେବାପାଇଁ ଉଠିଲି । ଫଟୋଗୁଡ଼ା ସ୍ୱର୍ଗତ ମିଷ୍ଟର୍ ଡ୍ରାଇଭରଙ୍କ ପାରିବାରିକ ଛବି । ମିଷ୍ଟର୍ ଡ୍ରାଇଭର, ବୋଧହୁଏ ତାଙ୍କ ସ୍ତ୍ରୀ ଓ ତାଙ୍କ ଦୁଇ ଝିଅଙ୍କ ଖଣ୍ଡେ ଗ୍ରୁପ୍ ଫଟୋ, କାଚତଳେ ହଳଦିଆ ପଡ଼ି ଆସିଲାଣି । ମିଷ୍ଟର୍ ଡ୍ରାଇଭର ଭିକ୍‌ଟୋରିଆନ ଯୁଗର ଗୋଟିଏ ଇଂରେଜୀ

ସୁଟ୍ ପିନ୍ଧି ଖଣ୍ଡେ ଚୌକି ଉପରେ ବସିଥିଲେ । ତାଙ୍କ ପାଖରେ ଆଉ ଖଣ୍ଡେ ଚୌକି ଉପରେ ବସିଥିଲେ, ବୋଧହୁଏ ଶ୍ରୀମତୀ ଡ୍ରାଇଭର । ମିଷ୍ଟର ଡ୍ରାଇଭରଙ୍କ ଚୌକିର ବାଁ ହାତ ବାଡ଼ା ଉପରେ ବସିଥିଲେ ବୋଧହୁଏ ମିସ୍ ଡ୍ରାଇଭର ଆଉ ଶ୍ରୀମତୀ ଡ୍ରାଇଭରଙ୍କ ଚୌକିର ଡାହାଣ ହାତ ବାଡ଼ା ଉପରେ ବସିଥିଲେ, ହୁଏତ ମିସ୍ ଡ୍ରାଇଭରଙ୍କ ଭଗିନୀ । ମିସ୍ ଡ୍ରାଇଭରଙ୍କ ବୟସ ସେତେବେଳେ ଥିଲା ପନ୍ଦର କିମ୍ବା ଷୋଳ । ଯୌବନର ଅଙ୍ଗନରେ, ସେ ଯେ ଏକଦା ମାରାତ୍ମକ ଭାବରେ, ହୃଦୟବିଦାରକ ଭାବରେ ସୁନ୍ଦରୀ ଥିଲେ, ତାହା ଏଥିରୁ ଅତି ନିଶ୍ଚିତ ଭାବରେ ମନେ ହୁଏ । ଆଜିସୁଦ୍ଧା ତାଙ୍କ ଚେହେରାରେ ସେ ସୌନ୍ଦର୍ଯ୍ୟର କ୍ଷୀଣତମ ଅବଶେଷ, ବିଶେଷତଃ ତାଙ୍କ ଆଖି ଆଉ ଚିବୁକରେ ଲକ୍ଷ୍ୟ କରାଯାଇପାରେ । ମିସ୍ ଡ୍ରାଇଭର ଆଉ ତାଙ୍କ ଭଗିନୀ ଦୁହେଁ, ଫ୍ରକ୍ ଓ ଗାଉନ୍ ପିନ୍ଧି ବସିଥିଲେ । ଏବେ ମିସ୍ ଡ୍ରାଇଭର ମୁଣ୍ଡର ବାଳରେ ଜୁଡ଼ା ବାନ୍ଧନ୍ତି । କିନ୍ତୁ ସେତେବେଳେ ମୁଣ୍ଡର ବାଳ ବବ୍‌ଡ ଥିଲା । ଶ୍ରୀମତୀ ଡ୍ରାଇଭର ପାର୍ଶି ମହିଳାମାନଙ୍କ ଶାଢ଼ି ପିନ୍ଧିବା ରୀତିରେ, ବାଁ କାନ୍ଧ ଉପରେ ଅଂଚଳ ବୁଲାଇ ଶାଢ଼ି ପିନ୍ଧିଥିଲେ । ତାଙ୍କ ମୁଣ୍ଡରେ ବାଳ ମଧ୍ୟ ବବ୍‌ଡ ଥିଲା ।

ହଠାତ୍ ନାରୀ ଦେହର ଗନ୍ଧ ପାଇ, ପଛକୁ ଚାହିଁ, ମିସ୍ ଡ୍ରାଇଭରଙ୍କୁ ଦେଖି ଅତି ଅପ୍ରସ୍ତୁତ ହୋଇ ପଡ଼ିଲି । ମିସ୍ ଡ୍ରାଇଭରଙ୍କ କେଶବିନ୍ୟାସ ଶେଷ ହୋଇଥିଲା । ଇତି ମଧ୍ୟରେ ସେ ସକାଳର ମଇଳା ଗାଉନ୍ ବଦଳାଇ ଖଣ୍ଡେ ସଫା ଗାଉନ୍ ପିନ୍ଧିଥିଲେ । ପ୍ରସାଧନ ମଧ୍ୟ ଶେଷ ହୋଇଥିଲା । ସେ ଅପେକ୍ଷାକୃତ ଅଧିକ ପରିଚ୍ଛନ୍ନ ଦିଶୁଥିଲେ । ମିସ୍ ଡ୍ରାଇଭର, ହଠାତ୍ ଟି.ପି.ର ଟିପୟ ଉପରୁ ଆସ୍‌ଟ୍ରେଟା ଉଠାଇ ସେଥିରୁ ପୋଡ଼ା ସିଗାରେଟର ଭୁଣ୍ଡି ଆଉ ପୋଡ଼ା ତମାଖୁର ପାଉଁଶ ବାହାରେ ଫିଙ୍ଗିଦେଇ, ପୁଣି ତାକୁ ଯଥା ସ୍ଥାନରେ ରଖିଦେଲେ । ବିଛଣା ଉପରେ ଲୋଚାକୋଚା ହୋଇଥିବା ଚାଦରଟାକୁ ଦୁଇ ହାତରେ ସଜାଡ଼ି ଦେଲେ । ମୁଁ ଝରକା ବାଟେ ବାହାରର ରାସ୍ତାକୁ ଚାହିଁ ଏ କେତେ ମିନିଟ୍, ମିସ୍ ଡ୍ରାଇଭରଙ୍କ ସହିତ କୌଣସି ଆଳାପ ନ କରି କଟାଇ ଦେବା ଉଚିତ ହେବ କି ନାହିଁ ବୋଲି ଭାବୁଥିଲି । ହଠାତ୍ ମିସ୍ ଡ୍ରାଇଭର ଅତି ଅପ୍ରାସଙ୍ଗିକ ଭାବରେ କହିଲେ- "ଟି.ପି. ଖୁବ୍ ପାଇପ୍ ଟାଣେ ଆଉ ସିଗାରେଟ୍ ଖାଏ । ପାଇପ୍ ଟାଣୁ ଟାଣୁ ସେ ଦିନ ଗୋଟାଏ ବିଛଣା ଚାଦର ପୋଡ଼ିଦେଲା ।"

ମୁଁ କହିଲି- "ହଁ, ଧୂଆଁ ଖାଇବାରେ ସେମିତି ବିପଦ ଯେ ନାହିଁ, ତା' ନୁହେଁ ।"

ମିସ୍ ଡ୍ରାଇଭର, ଏମିତି ଗୋଟାଏ ଅପ୍ରାସଙ୍ଗିକ କଥାରୁ ମୋ ସହିତ ଆଳାପ ଆରମ୍ଭ କରିବାକୁ ବସି, ସଙ୍ଗେ ସଙ୍ଗେ ହତାଶ ହୋଇ ପଡ଼ିଲେ! ଏହାପରେ କ'ଣ କହିବେ ଭାବି ଠିକ୍‌କରି ନ ପାରି ମନେମନେ ହୁଏତ ଖୁବ୍ ଅପ୍ରସ୍ତୁତ ଅନୁଭବ କରୁଥିଲେ । ମୁଁ ତାଙ୍କୁ ସେଥିରୁ ରକ୍ଷା କରିବା ପାଇଁ କହିଲି- "ଆପଣଙ୍କ ଏ ଫ୍ଲାଟର ପରିସ୍ଥିତିଟା ଖୁବ୍ ଚମତ୍କାର । ଏଠାରୁ ଆଉଟ୍‌ରାମ ଘାଟର ଜାହାଜଗୁଡ଼ା ଦିଶୁଛି ଛୋଟ ଛୋଟ ଖେଳନା ଜାହାଜ ପରି ।"

ମିସ୍ ଡ୍ରାଇଭର, ଖଣ୍ଡେ ଚୌକି ଉପରେ ବସିପଡ଼ି, ମୋତେ କହିଲେ- "ଆପଣଙ୍କୁ ଗୋଟାଏ କଥା ପଚାରିବି । ସତ କହିବେ?"

ମୁଁ ଅପ୍ରତିଭ ହୋଇ କହିଲି- "ମିସ୍ ଡ୍ରାଇଭର, ମୁଁ ଆପଣଙ୍କ ଠାରୁ କୌଣସି କଥା ଗୋପନ ରଖିବି ବୋଲି ଆପଣ ଆଶଙ୍କା କରୁଛନ୍ତି କାହିଁକି?"

ମିସ୍ ଡ୍ରାଇଭର ପଚାରିଲେ- "ଟି.ପି. ସହିତ ଆପଣଙ୍କ ପରିଚୟ କେବେଠାରୁ?"

ମୁଁ କହିଲି- "ତା' ସହିତ ଦୀର୍ଘ ଆଠ ବର୍ଷ ତଳେ ମୋର ପରିଚୟ ହୋଇଥିଲା । କିନ୍ତୁ ମୋତେ ଏ ପ୍ରଶ୍ନ ପଚାରିବାର ଅର୍ଥ କ'ଣ?"

ମିସ୍ ଡ୍ରାଇଭର, ମୋତେ ଏହା ପରର ପ୍ରଶ୍ନ ପଚାରିବା ପାଇଁ ମନେ ମନେ ସାହସ ସଞ୍ଚୟ କରୁଥିଲେ । ମୁଁ ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇଲି । ମିସ୍ ଡ୍ରାଇଭର ସିଗାରେଟ ଖା' ନ୍ତି ବୋଲି ମୁଁ ଜାଣି ନ ଥିଲି । ସେ ଟିପୟ ଉପରେ ଥିବା ଗୋଟିଏ କେସ୍‌ରୁ ଖଣ୍ଡେ ସିଗାରେଟ ନେଇ ଓଠରେ ଚାପିଧରି କହିଲେ- "ଦିଆସିଲିଟା ଲଗାଇବେ?"

ମୁଁ ଅପ୍ରସ୍ତୁତ ପରି କହିଲି, "ମୋତେ କ୍ଷମା କରିବେ ମିସ୍ ଡ୍ରାଇଭର! ଆପଣ ସିଗାରେଟ୍ ଖା' ନ୍ତି ବୋଲି ମୁଁ ଜାଣି ନ ଥିଲି ।" ତା' ପରେ ଦିଆସିଲି କାଠି ଜାଳି, ତାଙ୍କ ସିଗାରେଟ୍ ପାଖରେ ହାତ ଆଞ୍ଜୁଳା ଭିତରେ ଧରିଦେଲି । ମିସ୍ ଡ୍ରାଇଭର ସିଗାରେଟ୍ ଲଗାଇ ସାରି, କଳେ ଧୂଆଁ ଛାଡ଼ି, ମୋତେ ପଚାରିଲେ- "ଟି.ପି. ସମ୍ପର୍କରେ ଆପଣଙ୍କ ଧାରଣା କ' ଣ?"

ମୁଁ ଇଷତ୍ ବିରକ୍ତ ହୋଇ କହିଲି- "ଦେଖନ୍ତୁ ମିସ୍ ଡ୍ରାଇଭର, ଟି.ପି. ମୋର ବନ୍ଧୁ । ତା' ସମ୍ବନ୍ଧରେ ମୋତେ ଏପରି ପ୍ରଶ୍ନ ନ ପଚାରିଲେ ଚଳନ୍ତା । ଆପଣ ମୋ' ଠୁ ତାକୁ ତ ବେଶ ଭଲ ଭାବରେ ଜାଣିଥିବେ! କିନ୍ତୁ ଟି.ପି. ସମ୍ବନ୍ଧରେ ମୋର ଯାହା ଧାରଣା, ତା' ପରି ଖୁବ୍ କମ୍ ଏକନିଷ୍ଠ ଓ ବିଶ୍ୱସ୍ତ ବନ୍ଧୁ ମିଳିବେ ।"

ମିସ୍ ଡ୍ରାଇଭର କହିଲେ- "ବାପା ଯେଉଁ ଫାର୍ମରେ କାର୍ଯ୍ୟ କରୁଥିଲେ, ସେଠାରେ ସେ ପ୍ରଥମେ ଟି.ପି.କୁ ଆଣି ପୂରାଇଥିଲେ । ଟି.ପି. ଅବଶ୍ୟ ବାପାଙ୍କର ଖୁବ୍ ବିଶ୍ୱସ୍ତ ଥିଲା । ତା' ହେଲେ ଟି.ପି. ଖୁବ୍ ନିର୍ଭରଶୀଳ ବୋଲି ଆପଣଙ୍କର ଧାରଣା?"

ଏ ପ୍ରକାର ଆଲୋଚନା ବନ୍ଦ କରିବା ଉଦ୍ଦେଶ୍ୟରେ ମୁଁ ମିସ୍ ଡ୍ରାଇଭରଙ୍କ ପ୍ରଶ୍ନର ଉତ୍ତରରେ, ସଂକ୍ଷେପରେ 'ହଁ' ବୋଲି କହି, ଚୌକିରୁ ଉଠି ଠିଆହେଲି ।

ମିସ୍ ଡ୍ରାଇଭର ପଚାରିଲେ, "ଆପଣ ଯେତେବେଳେ ଟି.ପି.କୁ ଏତେ ଘନିଷ୍ଠ ଭାବରେ ଜାଣନ୍ତି ଲରାକୁ ତା' ହେଲେ ନିଶ୍ଚୟ ଜାଣିଥିବେ । ସେ ଦେଖିବାକୁ ଖୁବ୍ ସୁନ୍ଦରୀ, ନାଁ?"

ମୁଁ ବିସ୍ମିତ କଣ୍ଠରେ ପଚାରିଲି- "ଲରା କିଏ?"

ଏତିକିବେଳେ କଲିଂବେଲ କ୍ରିଂ କ୍ରିଂ ବାଜି ଉଠିଲା । ମିସ୍ ଡ୍ରାଇଭର ସସବ୍ୟସ୍ତ ଭାବରେ ଦୁଆର ଫିଟାଇବା ପାଇଁ ଉଠିଗଲାବେଳେ ମୋତେ କଣ୍ଠସ୍ୱର ନୁଆଇଁ କହିଲେ- "ମୁଁ ଯାହାସବୁ ଆପଣଙ୍କୁ ପଚାରିଲି ଭୁଲ୍‌ରେ ସୁଦ୍ଧା ସେ ସବୁ ଟି.ପି.କୁ କହିବେ ନାହିଁ ।"

ଟି.ପି. ଆସିଲା । ହାତରୁ ଚମଡ଼ାର ପୋର୍ଟଫୋଲିଓଟା ଫିଙ୍ଗିଦେଇ, ଖଟଉପରେ ବସିପଡ଼ି କହିଲା- "ଗୋଟାଏ ବାଜିଗଲା, ଚାଲ ଲଞ୍ଚ ପାଇଁ ଯିବା । ମୁଁ ପୁଣି ତିନିଟାବେଳେ ଫେରିଯିବି ।"

ମିସ୍-ଡ୍ରାଇଭର କେତେବେଳେ ଆମ ଅଲକ୍ଷିତରେ ଭିତରେ ଆସି ଠିଆ ହୋଇଥିଲେ, ଆମେ ଜାଣି ନ ଥିଲୁ । ମିସ୍ ଡ୍ରାଇଭର କହିଲେ- "ତୁମର ସ୍ୱାସ୍ଥ୍ୟ ଯେପରି ସେଥିରେ ଲଞ୍ଚ ପରେ ପରେ ବିଶ୍ରାମ କରିବା ଉଚିତ ।"

ଟି.ପି.ର ମୁହଁର ରେଖାଗୁଡ଼ା ପୁଣି କଠୋର ହୋଇଗଲା ।

ମୁଁ ବାହାରକୁ ଯିବାପାଇଁ, ନୀରବରେ ପ୍ରସ୍ତୁତ ହେଲି ।

ଟି.ପି. ନିଜ ପାଇଁ ଗ୍ଲାସରେ ଗୋଟାଏ ବୋତଲରୁ ବିଅର ଢାଳି ସାରି, ମୋ' ପାଇଁ ଆଉ ଗୋଟାଏ ଗ୍ଲାସରେ ବିଅର ଢାଳୁଥିଲା ।

ମୁଁ କହିଲି- "ଏବେ ମୁଁ ସେ ସବୁ ଛାଡ଼ି ଦେଇଛି ।"

ଟି.ପି. ଖଣ୍ଡେ ସିଗାରେଟରେ ନିଆଁ ଲଗାଇ କହିଲା – "ଆଶ୍ଚର୍ଯ୍ୟ!"

ମୁଁ କହିଲି – "ଏଥିରେ ଆଶ୍ଚର୍ଯ୍ୟ ହେବାଭଳି କିଛି ନାହିଁ ଟି.ପି. । କାଳର ଗତି ସିନା କ୍ଲକ୍‌ୱାଇଜ୍, ମଣିଷ ପ୍ରବୃତ୍ତିର ଗତି କିନ୍ତୁ ଆଂଟିକ୍ଲକ୍‌ୱାଇଜ୍ । ଲେମ୍ବୁପାଣିରୁ ସ୍କଚ୍‌କୁ ଗତିକରି ପୁଣି ସ୍କଚ୍‌ରୁ ଲେମ୍ବୁପାଣିରେ ଆସି ପହଞ୍ଚିବା, ଅତି ସ୍ୱାଭାବିକ ।"

ଟି.ପି. କହିଲା- "ବାଜେ କଥାକୁ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ କହିବା ଯଦି ଗୋଟିଏ କଳା ହୁଏ, ତା' ହେଲେ ନିଃସନ୍ଦେହରେ ତୁମେ ସେଥିରେ ଖୁବ୍ କୁଶଳ । ମାତ୍ର ଗିଲାସେ ବିଅର ପିଇ କେହି କେବେ ମାତାଲ ହୁଏ ନାହିଁ ।"

ବିଅର୍ ଗ୍ଲାସର ଫେଣ ଭାଙ୍ଗିପଡ଼ି, ତଳେ ଟେବୁଲ ଉପରେ ବୋହିଗଲା । ଟି.ପି.ର ସେଥିପ୍ରତି ଖିଆଲ ନ ଥିଲା । ସେ କେତେବେଳ ପରେ ଗ୍ଲାସଟା ହାତରେ ଉଠାଇ ଧରି, ମୋତେ ପଚାରିଲା- "ଆଜିକାଲି ପଢ଼ାପଢ଼ି କରୁଛ ନା ସେ ସବୁ ଛାଡ଼ି ଦେଲଣି?"

ମୁଁ ଏ ପ୍ରକାର ପ୍ରଶ୍ନରେ ବିସ୍ମିତ ହୋଇ କହିଲି – "ଅର୍ଥାତ୍?"

ଟି.ପି. କହିଲା – "ଆଜିକାଲି ସୋଭିୟେଟ ରୁଷିଆରେ ଉପନ୍ୟାସ-ସାହିତ୍ୟର ଗତି ଯେପରି ବଦଳୁଛି, ତାହା ଲକ୍ଷ୍ୟ କରିଛ?"

ସତ କହିବାକୁ ଗଲେ ସୋଭିୟେଟ୍ ରୁଷିଆର ଉପନ୍ୟାସ ପଢ଼ିବାର ଧୈର୍ଯ୍ୟ ଓ ନିଷ୍ଠା ମୋର ନାହିଁ ବା ନ ଥିଲା । ଟଲଷ୍ଟୟଙ୍କ 'ୱାର ଆଣ୍ଡ ପିସ୍' ଠାରୁ ଏବର ଲେଖକମାନଙ୍କର ଉପନ୍ୟାସ ପର୍ଯ୍ୟନ୍ତ ସବୁ ସୋଭିୟେଟ୍ ଉପନ୍ୟାସ ରୁଷିଆ ଦେଶପରି ବିଶାଳକାୟ । 'ୱାର ଆଣ୍ଡ ପିସ୍' ପଢ଼ିବାକୁ ମୋତେ ପାଞ୍ଚବର୍ଷ ଲାଗିଥିଲା । ପଢ଼ି ଶେଷ କଲାବେଳକୁ ଆରମ୍ଭଟା ଭୁଲି ଯାଇଥିଲି । କିନ୍ତୁ ମୋର ଧୈର୍ଯ୍ୟର ଅଭାବ, ଅବଶ୍ୟ ସୋଭିୟେଟ ଔପନ୍ୟାସିକ, ବିଶେଷରେ ଟଲଷ୍ଟୟଙ୍କ ଅମର ପ୍ରତିଭାକୁ ମଳିନ କରୁନାହିଁ । ତଥାପି ସେଦିନୁ ଆଉ ସୋଭିୟେଟ୍ ରୁଷିଆର ଉପନ୍ୟାସ ପଢ଼ିବାର ଦୁଃସାହସ ମୁଁ କରିନାହିଁ । ଟି.ପି ଆଗରେ ସେ ଦୁର୍ବଳତା ସ୍ୱୀକାର କଲି ।

ଟି.ପି. ଖଣ୍ଡେ ସିଗାରେଟରେ ନିଆଁ ଲଗାଇ କହିଲା- "ସୋଭିୟେଟ ଔପନ୍ୟାସିକ ଆଜି ନୂତନ ଆବିଷ୍କାର କରିଛି- ପ୍ରେମ ଓ ପ୍ରଣୟ । ଗ୍ରାଜିନ୍‌ଙ୍କ 'Those Who Seek' ପଢ଼ିଛ? ନାୟକ ଆଁଦ୍ରେ ଲୋବାନେଭ୍ ଇଞ୍ଜିନିୟର, ଆଉ ଏକ ବିବାହିତା ନାରୀ ରୀତା ମଧ୍ୟରେ ପ୍ରଣୟର କାହାଣୀ । ରୀତା ଶଯ୍ୟାଶାୟିନୀ, ଶିଥିଳବସନା ରୀତାର ଆକୁଳ ଆବେଦନ- 'ଆସ ପ୍ରିୟ-ମୋ' ଠି କ' ଣ ଦେଖି ଭୟ କରୁଛ?' ବା ରୀତାର ବୋତମଫିଟା ବ୍ଲାଉଜ! ଏ ସବୁ ସୋଭିୟେଟ୍ ଉପନ୍ୟାସରେ ଏକ ବିସ୍ମୟ, ଏକ ଆବିଷ୍କାର! ଆଶାୟେଭଙ୍କ 'Far from Moscow' ପଢ଼ି ନାହଁ? ନିସ୍ତବ୍ଧ, ନିର୍ଜନ ରାତ୍ରିର ତାରାଂକିତ ଆକାଶ ତଳେ, ମସ୍କୋ ନଗରୀଠାରୁ ବହୁ ଦୂରରେ ଏକ ସୁପ୍ତ ଗ୍ରାମ୍ୟପଥରେ, ତାନ୍ୟା ଆଉ ମିଥିଲ୍‌ର ମିଳନ! ସୋଭିୟେଟ୍ ରୁଷିଆ, କଳକବ୍‌ଜା ଆଉ ଗହମ ଉତ୍ପାଦନର ହିସାବ ପଢ଼ି, କ୍ଲାନ୍ତ ହୋଇପଡ଼ିଲାଣି । ନିଜର ହୃଦୟକୁ ମରୁଭୂମି ରଖି, କେତେଦିନ ଆଉ ସେ ସାଇବିରିଆର ମରୁଭୂମିକୁ ଶସ୍ୟଶ୍ୟାମଳ କରୁଥିବ!"

ଟି.ପି.ର ବକ୍ତୃତା ଶୁଣି ମୁଁ ସ୍ତମ୍ଭିତ ହୋଇ ପଡ଼ିଥିଲି । 'ସାରାତାଜ୍' ବିୟର-ଗାର୍ଡନରେ ଗୋଟିଏ ପାମ୍ ଗଛର ଛାଇତଳେ, ହାତରେ ବିୟର ଗ୍ଲାସ ଧରି ଟି.ପି. ଠାରୁ ସାହିତ୍ୟ ବକ୍ତୃତା ଶୁଣିବା ବିସ୍ମୟରେ ମୋତେ ଅଭିଭୂତ କରି ଦେଇଥିଲା । ମୁଁ କହିଲି- "ଟି.ପି. ବିୟର ପିଇ କେହି ମାତାଲ ହେବା ମୁଁ ଜାଣେ ନାହିଁ । ତୁମେ ନିଶ୍ଚୟ ପ୍ରକୃତିସ୍ଥ ଅଛ?"

ଟି.ପି. ନିଃଶେଷପ୍ରାୟ ସିଗାରେଟ୍‌ଟା ତଳେ ପକାଇ ପାଦରେ ଦଳି ଦେଉଁ ଦେଉଁ କହିଲା- "ମୁଁ ମଧ୍ୟ ପ୍ରେମର ଆବିଷ୍କାର କରିଛି । ଆଚ୍ଛା, ମୋ ବୟସରେ କେଉଁଟା ଶ୍ରେୟସ୍କର ବୋଲି ଭାବୁଛ? ପ୍ରଣୟର ଲଘୁ ଚପଳତା ନାଁ ବିବାହ ପରି ଏକ ବିରାଟ ଦାୟିତ୍ୱ? ତୁମେ ତ ମୋଠାରୁ ଏ ସବୁଥିରେ ବେଶି ଅଭିଜ୍ଞ ।"

ମୁଁ କହିଲି- "ଟି.ପି., ଏ ସବୁ ଆପେକ୍ଷିକ ପ୍ରଶ୍ନର କୌଣସି ସିଦ୍ଧାନ୍ତିକ ଉତ୍ତର ଦିଆଯାଇ ନପାରେ । ବୈବାହିକ ସଂସାରରେ ବହୁଦିନ ଗୃହପାଳିତ ହେବା ପରେ ପ୍ରଣୟର ଦାୟିତ୍ୱହୀନ ଲଘୁ ଚପଳତା ପାଇଁ ମନଟା ବେଳେ ବେଳେ କ୍ଷୁଧାର୍ତ୍ତ ହୋଇପଡ଼େ । ପଞ୍ଜୁରୀବଦ୍ଧ ପକ୍ଷୀର, ନୀଳଆକାଶକୁ ଚାହିଁ ଅନନ୍ତ ନୀଳିମା ଭିତରେ ହଜିଯିବାର ବ୍ୟାକୁଳତା, ପ୍ରାଣରେ ବାଜିଯାଏ ।"

ଟି.ପି. ମୋ କଥାର ହଠାତ୍ ବାଧା ଦେଇ କହିଲା- "ଆଜି କିନ୍ତୁ ମୋ ଆକାଶରେ ଝଡ଼ ଉଠିଛି । ଆକାଶର ନୀଳିମ ଶୂନ୍ୟତା ମଧ୍ୟରେ ଦାୟିତ୍ୱହୀନ ମୁକ୍ତି ଅପେକ୍ଷା, ଗୋଟିଏ ସଂକୀର୍ଣ୍ଣ ଗୃହପ୍ରାଙ୍ଗଣର ଲୌହପଞ୍ଜୁରୀ ଆଜି ମୋ ଦୃଷ୍ଟିରେ ଅଧିକ ଲୋଭନୀୟ । ବୟସ ଆସି ହେଲା ପଇଁଚାଳିଶ, ଆଉ ଫାଙ୍କି ଦେବା ପାଇଁ କ' ଣ ବୟସ ଅଛି?"

ମୁଁ କହିଲି- "ତା' ହେଲେ ବିବାହ ହୋଇପଡ଼ ଟି.ପି । ତୁମ ବୟସରେ ମଧ୍ୟ ଅନେକ ତ ପୁଣି ବିବାହ କରୁଛନ୍ତି ।"

ଟି.ପି. ଆଉ ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇ କହିଲା- "କିନ୍ତୁ ଲରା କହେ, ରାତ୍ରିର ଚନ୍ଦ୍ର ନ ଉଠୁଣୁ, 'ହନିମୁନ୍' ର ରାତ୍ରି ପାହିଯାଏ । ତା' ପରେ କେବଳ ଦିନର କଠୋର, ନିର୍ମମ ଆଲୋକ । ସେ ଆଲୋକରେ ଆଖିରେ ପଡ଼େ ଖାଲି ଆମର ଯେତେକ କୁତ୍ସିତ ଅପୂର୍ଣ୍ଣତା । ତା' ଠୁ ଜ୍ୟୋତ୍ସ୍ନାର ସ୍ୱପ୍ନାଞ୍ଜନ ଢେର୍ ଭଲ!"

"ଲରା କିଏ?" ମୁଁ ପଚାରିଲି ।

ସକାଳେ କିନେସେ ରିପୋର୍ଟ ଭିତରେ 'ଏଲ୍' ସ୍ୱାକ୍ଷରିତ ଯେଉଁ ଅଭିସାରର ନିମନ୍ତ୍ରଣ ଦେଖିଥିଲି, ଏ ଲରା ସେ 'ଏଲ୍' ନୁହେଁ ତ?

ଟି.ପି. କହିଲା- "ଲରା ଟେଲିଫୋନ୍ ଏକ୍ସଚେଞ୍ଜରେ କାମ କରେ । ବୟସ ପଚିଶି । ଆଂଗ୍ଲୋଇଣ୍ଡିଆନ୍ ଯୁବତୀ ।"

ଟି.ପି. ତା' ପକେଟ୍ ବୁକ୍ ଭିତରୁ ଲରାର ଖଣ୍ଡେ ଫଟୋ କାଢ଼ି ମୋତେ ଦେଖାଇଲା । ଲରା ସୁନ୍ଦରୀ । ଅଗଣିତ ଭ୍ରମରର ବହୁ ଚୁମ୍ବନର ସ୍ୱାକ୍ଷର, ଏବେବି ସେ ବଦନକମଳରେ ଲକ୍ଷ୍ୟ କରାଯାଇପାରେ ।

ଗାଡ଼ି ବେଳ ହୋଇ ଯାଇଥିଲା ।

ଟି.ପି. ଫେରୁଫେରୁ ଡେରି ହେବ । ଟି.ପି.କୁ ଅପେକ୍ଷା ନ କରି ମିସ୍ ଡ୍ରାଇଭରଙ୍କଠାରୁ ବିଦାୟ ନେବାପାଇଁ, ତାଙ୍କ ଶୋଇବା କୋଠରୀ ଭିତରକୁ ପଶିଗଲି । ମିସ୍ ଡ୍ରାଇଭର ଝରକା ପାଖରେ ଖଣ୍ଡେ ଚୌକି ଉପରେ ଦୁଇହାତରେ ମୁଣ୍ଡ ଚାପିଧରି ବସି କାନ୍ଦୁଥିଲେ । ପିନ୍ଧିଥିଲେ ଖଣ୍ଡେ ଗାଢ଼ ଲାଲ୍ ରଙ୍ଗର ଶାଢ଼ି ଓ ସେହି ରଙ୍ଗର ବ୍ଲାଉଜ । ବେଶବିନ୍ୟାସରେ ବୟସ ତାଙ୍କର ଆଉରି ଦଶବର୍ଷ ପଛେଇ ଯାଇଥିଲା । ଇଉଡିକୋଲନ୍ ଆଉ ଅତରର ଭୁରୁଭୁରୁ ଗନ୍ଧରେ ଘରଭିତରଟା ଆମୋଦିତ ହୋଇଉଠିଥିଲା । କିନ୍ତୁ ମିସ୍ ଡ୍ରାଇଭର କାନ୍ଦୁଥିଲେ । ମୁଁ ନୀରବରେ, ଅତି ସନ୍ତର୍ପଣରେ ଫେରି ଆସିଲି ।

ଘ ଘ ଘ ଘ

ବହୁ ଦିନପରେ ଅପ୍ରତ୍ୟାଶିତ ଭାବରେ ଟି.ପି. ଠାରୁ ଖଣ୍ଡେ ଚିଠି ପାଇଲି ।

ଟି.ପି. ଚିଠି ଲେଖିଥିଲା ବମ୍ବେରୁ । ସେ କଲିକତା ଛାଡ଼ି ଦେଇଛି । ମିସ୍ ଡ୍ରାଇଭର ଟି.ପି.କୁ ବିବାହ କରିବା ପାଇଁ ଖୁବ୍ ବାଧ କଲେ । ମିସ୍ ଡ୍ରାଇଭରଙ୍କ ବାପା ପଚିଶ ହଜାର ଟଙ୍କା ମୂଲ୍ୟର ଜୀବନବୀମା କରିଥିଲେ । ତାହା ମିସ୍ ଡ୍ରାଇଭର ଉତ୍ତରାଧିକାରିଣୀ ସୂତ୍ରରେ ପାଇଛନ୍ତି । ତା' ଛଡ଼ା ବମ୍ବେରେ ତାଙ୍କର କିଛି ଭୂ-ସମ୍ପତ୍ତି ଆଉ ଘରବାଡ଼ି ଅଛି । ଟି.ପି.କୁ ସର୍ବସ୍ୱ ଦେବା ପାଇଁ ସେ ପ୍ରସ୍ତୁତ । ବିନିମୟରେ ସେ ଚାହାନ୍ତି କେବଳ ଅବଲମ୍ବନ । ମାତ୍ର ମିସ୍ ଡ୍ରାଇଭରଙ୍କୁ ବାନ୍ଧବୀ ପରି ସହ୍ୟକରି ହେବ ସିନା, ସ୍ତ୍ରୀ ରୂପରେ ଗ୍ରହଣ କରିବା ଅସମ୍ଭବ । ପୁଣି ଲରାର ଏବେ ଜଣେ ଆଂଗ୍ଲୋଇଣ୍ଡିଆନ ପୁଲିସ ସାର୍ଜେଂଟ ସହିତ ବିବାହ ହୋଇଗଲା । ଲରାର ଏ ପ୍ରକାର ନିଷ୍ଠୁର ବଞ୍ଚନା ପରେପରେ ମିସ୍ ଡ୍ରାଇଭରଙ୍କ ସାହଚର୍ଯ୍ୟ, କଲିକତାରେ ତା' ର ଜୀବନକୁ ବିଷାକ୍ତ କରିଦେଲା । ତେଣୁ ସେ କଲିକତା ଛାଡ଼ି ଏବେ ବମ୍ବେରେ ରହୁଛି । ମୁଁ ଯେପରି ତାକୁ ଆଉ ସେ କଲିକତା ଠିକଣାରେ କେବେ ଅନୁସନ୍ଧାନ ନ କରେଁ,... ଇତ୍ୟାଦି ।

ଘ ଘ ଘ ଘ

ସେଥର କଲିକତାରେ ମୋତେ ଗୋଟିଏ ରାତି କାଟିବାକୁ ପଡ଼ିଥିଲା । ଏକଦା କଲିକତାର କଳ୍ପନା ସୁଦ୍ଧା ମୋର ମନରେ ଚାଞ୍ଚଲ୍ୟ ସୃଷ୍ଟି କରୁଥିଲା । ସେଦିନ ଥିଲା, ମହାନଗରୀର ଲୋକାରଣ୍ୟ ଭିତରେ ଆତ୍ମଗୋପନ କରି, ଜୀବନକୁ ଆବିଷ୍କାର କରିବାର ନିଶା । ମାତ୍ର ଆଜି ସେ ନିଶା ଭାଙ୍ଗିଯାଇଛି । କୋରାପୁଟର ପାହାଡ଼ଘେରା ଘଞ୍ଚ ଶାଳଜଙ୍ଗଲ ଭିତରେ ବ୍ୟକ୍ତିତ୍ୱ ନିଶ୍ଚିହ୍ନ ହୋଇଗଲେ ଯେପରି ଅଣନିଃଶ୍ୱାସୀ ଲାଗେ, ମହାନଗରୀର ସିମେଣ୍ଟଘେରା ମଣିଷ ଜଙ୍ଗଲ ଭିତରେ ସେହିପରି ନିଷ୍ପେଷିତ ବ୍ୟକ୍ତିତ୍ୱ ମୋର ଆର୍ତ୍ତନାଦ କରେ । କଲିକତାରେ ସମୟ କଟାଇବା ତେଣୁ, ମୋ ପକ୍ଷରେ ଏକ ସମସ୍ୟା ।

ସେଥର ସମୟ କାଟିବା ଉଦ୍ଦେଶ୍ୟରେ 'ପ୍ରିନ୍ସେସ୍' ରେ 'କାବାରେ' (Cavaret) ଦେଖିବା ପାଇଁ ରାତି ଏଗାରଟା ବେଳେ ଆସିଲି । ପ୍ରିନ୍ସେସ୍‌ର ପାନଶାଳାରେ ତିଳଧାରଣ ପାଇଁ ସ୍ଥାନ ନାହିଁ । ସବୁ ସ୍ଥାନ ପୂର୍ଣ୍ଣ । ମଝି କାଠଚଟାଣ ଉପରେ ଦଳ ଦଳ ହୋଇ ଯୁବକ, ଯୁବତୀ, ପ୍ରୌଢ଼, ପୌଢ଼ା "ବ୍ଲୁଡାନ୍ୟୁବ" ନାଚୁଛନ୍ତି । ମୁଁ ଗୋଟିଏ ଛୋଟ ପେଗ୍ ପାଇଁ କହି, ଗୋଟିଏ କୋଣରେ ବସିପଡ଼ିଲି ।

କିଛି ସମୟ ପରେ ନାଚ ଶେଷ ହେଲା । ଘର ଭିତରେ, ନାଚ ବେଳେ ଯେଉଁ ଆବ୍‌ଛା ରଙ୍ଗିନ ଆଲୁଅ ଜଳୁଥିଲା, ତାହା ବଦଳି ଯାଇ ତୀବ୍ର ନିଓନ୍ ଆଲୋକ ଜଳି ଉଠିଲା । ଘନଘନ କରତାଳି ଭିତରେ, ନର୍ତ୍ତକ ଓ ନର୍ତ୍ତକୀ ଦଳ ନିଜ ନିଜ ସ୍ଥାନକୁ, ନିଃଶେଷ ହୋଇ ନଥିବା ହୁଇସ୍କି, ସାମ୍ପେନ୍, ସେରୀ ଓ ବିୟର ଗ୍ଲାସ ପାଖକୁ ଆସିଲେ ।

ଅର୍କେଷ୍ଟ୍ରା ମଞ୍ଚରେ ପିଆନୋରେ ବାଜି ଉଠିଲା ଗୋଟିଏ ଇଂରେଜୀ ସଙ୍ଗୀତ.....

"ଟୁ ହାର୍ଟ୍‌ସ ଟୁ କିସେସ୍ ମେକ୍ ୱାନ ଲଭ୍"

ଗଭୀର ବିସ୍ମୟରେ ଚାହିଁ ଦେଖିଲି, ଚାରିଆଡ଼େ ସିଗାରେଟ୍ ଧୂଆଁର କୁହୁଡ଼ି ଭିତରେ, ମୋ' ଠାରୁ ଅଳ୍ପ ଦୂରରେ ଖଣ୍ଡେ କାଉଚ୍ ଉପରେ ବସିଛନ୍ତି ମିସ୍ ଡ୍ରାଇଭର୍ । ପ୍ରାୟ ବର୍ଷକ ତଳେ, ସେ ଦିନ ସନ୍ଧ୍ୟାରେ, ମୁଁ ତାଙ୍କଠାରୁ ବିଦାୟ ନେବାପାଇଁ ଆସିବା ବେଳେ ସେ ଯେଉଁ ଗାଢ଼ ଲାଲ ରଙ୍ଗର ଶାଢ଼ି ଆଉ ବ୍ଲାଉଜ୍ ପିନ୍ଧିଥିଲେ, ଆଜି ମଧ୍ୟ ପିନ୍ଧିଛନ୍ତି ଠିକ୍ ସେଇ ପରିଧାନ । ତାଙ୍କ ପାଖରେ, ତାଙ୍କ ଦେହକୁ ଲାଗି ଯେ ବସିଛନ୍ତି, ସେ ତଥାପି

ବୋଧହୁଏ ଅଜାତଶ୍ମଶ୍ରୁ... କୈଶୋରର ଅଣ୍ଡକୋଷ ଭିତରୁ ବାହାରି, ନୂଆ ହୋଇ ତାଙ୍କ ଯୌବନରେ ହୁଏତ ପର ଲାଗିଛି । ମିସ୍ ଡ୍ରାଇଭର୍ ଖଣ୍ଡେ ସିଗାରେଟ୍ ଓଠରେ ଧରି, ସେଥିରେ ନିଆଁ ଲଗାଇବା ପାଇଁ ନିଜର ଓଠ ସେହି ଯୁବକ ଆଡ଼େ ବଢ଼ାଇଦେଲେ ।

ଯୁବକର ଓଠରେ ଅର୍ଦ୍ଧଦଗ୍ଧ ସିଗାରେଟ୍‌ରୁ ମିସ୍ ଡ୍ରାଇଭର୍ ନିଜ ସିଗାରେଟ୍‌ରେ ନିଆଁ ଧରୁ ଧରୁ ଦୁହିଁଙ୍କ ଓଠ ମୁହୂର୍ତ୍ତକ ପାଇଁ ଗୋଟିଏ ଚୁମ୍ବନରେ ଏକ ହୋଇଗଲା । ଆଲୁଅ ପୁଣି ଝାପ୍‌ସା, ରଙ୍ଗିନ୍ ହୋଇ ଉଠିଲା; ପୁଣି ନାଚ ହେବ । ରୁମ୍ବା ସୁରରେ ତଥାପି ଗୀତ ଚାଲିଛି.... "ଟୁ' ହାର୍ଟସ୍, ଟୁ' କିସେସ୍ ମେକ୍ ୱାନ୍ ଲଭ୍ ।"

ଦଳ ଦଳ ହୋଇ ପୁଣି ନର୍ତ୍ତକ ଓ ନର୍ତ୍ତକୀମାନେ ଉଠିଲେ । ରୁମ୍ବାର ଚପଳ ଜୀବନ୍ତ ଛନ୍ଦରେ ପ୍ରିନ୍‌ସେସର ନୃତ୍ୟଶାଳା ପୁଣି ମୁଖର ହୋଇ ଉଠିଲା ।

ମିସ୍ ଡ୍ରାଇଭର ସେହି ଯୁବକ ସହିତ ନାଚୁଛନ୍ତି । ଉତ୍ତେଜନା ଓ ଆବେଗରେ ମିସ୍ ଡ୍ରାଇଭର୍ ଅର୍ଦ୍ଧନିମୀଳିତ ଆଖିରେ ସେହି ଯୁବକର ଆଲିଙ୍ଗନ ଭିତରେ ବେଳେ ବେଳେ ଢଳି ପଡୁଛନ୍ତି ।

ପ୍ରୌଢ଼ା ମିସ୍ ଡ୍ରାଇଭର୍ ନୃତ୍ୟର କ୍ଳାନ୍ତିରେ ଯେପରି ଆଉରି ଦଶବର୍ଷ ବୟସରେ ଆଗେଇ ଯାଇଛନ୍ତି । ଆଖିତଳେ କ୍ଳାନ୍ତିର କଳାଦାଗ । ମୁହଁର ମେକ୍‌ଅପ୍ ବିନ୍ଦୁ ବିନ୍ଦୁ ଝାଳରେ ଧୋଇ ହୋଇ ଆସିଛି । ମିସ୍ ଡ୍ରାଇଭର୍‌ଙ୍କ ଆଲିଙ୍ଗନ ଭିତରେ ସେ ଯୁବକ ବେଳେ ବେଳେ ଲୁବ୍‌ଧ ଦୃଷ୍ଟିରେ ଚାହୁଁଛି, ଆଉ ଜଣେ କ୍ଷୀଣାଙ୍ଗୀ ବାଳିକା ଆଡ଼େ । ମିସ୍ ଡ୍ରାଇଭର ମୋ ପାଖ ଦେଇ ନାଚି ନାଚି ଚାଲିଗଲେ । ଶାଢ଼ିର ଅଞ୍ଚଳ ମିସ୍ ଡ୍ରାଇଭର୍‌ଙ୍କ ଦେହରୁ ଖସି ପଡ଼ିଛି । ଗୋରୁପହ୍ମା ପରି ମିସ୍ ଡ୍ରାଇଭରଙ୍କର ଚର୍ବି ବହୁଳ ପେଟ ତଳକୁ ଝୁଲି ପଡ଼ିଛି । ମିସ୍ ଡ୍ରାଇଭରଙ୍କ ବୟସ ପଚାଶ ପାଖାପାଖି ବୋଲି ଅତି ନିଶ୍ଚିତ ଭାବରେ ମନେ ହେଲା ।

ରୁମ୍ବାର ଲଘୁ ଛନ୍ଦ, ଆଉରି ଚପଳ ହୋଇ ଉଠୁଛି; "ଟୁ' ହାର୍ଟସ୍ ଟୁ' କିସେସ୍ ମେକ୍ ୱାନ୍ ଲଭ୍" ର ମୂର୍ଚ୍ଛନା ଆଉରି ଉଦ୍ଦାମ ହୋଇ ଉଠୁଛି ।

ମିସ୍ ଡ୍ରାଇଭର୍‌ଙ୍କର କ୍ଳାନ୍ତି ନାହିଁ, ଅବସାଦ ନାହିଁ । ଏକ ଅବର୍ଣ୍ଣନୀୟ ନବୀନତା ତାଙ୍କୁ ଯେପରି ଆଣି ଦେଇଛି କିଶୋରୀ ବାଳିକାର ଲଘୁଛନ୍ଦ । ସେ ଯୁବକର ପାଦ କିନ୍ତୁ ଥକି ଥକି ଆସୁଛି ।

ମିସ୍ ଡ୍ରାଇଭର୍ ସେହି ସ୍ତିମିତ ଆଲୋକର ଗୋଧୂଳି ଭିତରେ, ତା' ର କ୍ଳାନ୍ତ ଆଖିପତା ଉପରେ ଗୋଟିଏ ଚୁମ୍ବନ ଦେଲେ... କାଳହୀନ ସୌନ୍ଦର୍ଯ୍ୟ ଓ ଶେଷହୀନ ତାରୁଣ୍ୟର ପଚ୍ଛଭୂମିରେ ମିସ୍ ଡ୍ରାଇଭର୍ ପ୍ରୌଢ଼ତ୍ୱକୁ ପଦାଘାତ କରି ଫୁଟାଇଥିଲେ ଯେପରି, ଚିର ଯୌବନର ଅଶୋକ-ମଞ୍ଜରୀ ।

(୧୯୫୪)